# NATIONAL NEWS BULLETIN (ODIA)

**13 July - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ମୁମ୍ବାଇରେ ଆଜି ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ପଞ୍ଜାବର ଜଳନ୍ଧର ୱେଷ୍ଟ ବିଧାନସଭା ଉପନିର୍ବାଚନରେ ଆମ୍‌ଆଦମୀ ପାର୍ଟି ଏବଂ ହିମାଚଳ ପ୍ରଦେଶର ଦେହରା ଆସନରେ କଂଗ୍ରେସ ବିଜୟୀ ।

– ଅନ୍ୟ ୧୧ଟି ଆସନରେ ଚାଲିଛି ଭୋଟ୍ ଗଣତି ।

- ତାପଜ ବିଦ୍ୟୁତ୍ କେନ୍ଦ୍ର ପାଇଁ କୋଇଲା ଆବଶ୍ୟକତା ଉପରେ ତେଲଙ୍ଗାନା ଉପମୁଖ୍ୟମନ୍ତ୍ରୀ ଭଟ୍ଟି ବିକ୍ରମାର୍କ ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମଧ୍ୟରେ ହୋଇଛି ଅଲୋଚନା
- ଆଇଆଇଟି ଦିଲ୍ଲୀ ଏବଂ ପ୍ରସାରଭାରତୀ ପକ୍ଷରୁ ଦୁଇଦିନିଆ ଡିଡି ରୋବକନ୍ ଇଣ୍ଡିଆ-୨୦୨୪ ପ୍ରତିଯୋଗିତା ଆରମ୍ଭ

ଏବଂ

- ଭାରତ ଓ ଜିମ୍ବାୱେ ମଧ୍ୟରେ ପାଞ୍ଚଟିକିଆ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ଚତୁର୍ଥ ମ୍ୟାଚ୍ ଆଜି ଖେଳାଯିବ ହରାରେ ସ୍ପୋର୍ଟସ୍ କ୍ଲବ୍‌ରେ ।

---

## ପି.ଏମ୍. - ମୁମ୍ବାଇ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅପରାହ୍ନରେ ମୁମ୍ବାଇ ଗସ୍ତରେ ଯାଇ ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ

କରିବେ । ସେଗୁଡ଼ିକ ମଧ୍ୟରେ ସଡ଼କ, ରେଳପଥ ଓ ବନ୍ଦର କ୍ଷେତ୍ରର ପ୍ରକଳ୍ପ ଅନ୍ତର୍ଭୁକ୍ତ । ୨୯ ହଜାର ୪୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ଏହି ପ୍ରକଳ୍ପଗୁଡ଼ିକର ଶୁଭାରମ୍ଭ ଗୋରେଗାଓଁ ସ୍ଥିତ ନେସ୍କୋ ପ୍ରଦର୍ଶନୀ କେନ୍ଦ୍ରରେ ଭର୍ଚୁଆଲ୍ ମାଧ୍ୟମରେ କରାଯିବ ।

ଏହି ଅବସରରେ ୧୬ହଜାର ୬୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ୧୧ ଦଶମିକ୍ ୮ କିଲୋମିଟର ଦୈର୍ଘ୍ୟର ଥାନେ-ବୋରିଭାଲି ଟନେଲ୍ ପ୍ରକଳ୍ପର ଶିଳାନ୍ୟାସ କରାଯିବ । ଏହାଦ୍ୱାରା ଦୂରତ୍ୱ କମିବା ସହ ସମୟ ସଞ୍ଚୟ ହୋଇପାରିବ । ସେହିଭଳି ପ୍ରଧାନମନ୍ତ୍ରୀ ୬ହଜାର ୩୦୦ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଗୋରେଗାଓଁ-ମୁଲୁନ୍ଦ ଲିଙ୍କ୍ ସଡ଼କ ପ୍ରକଳ୍ପର ଟନେଲ୍ କାର୍ଯ୍ୟ ଲାଗି ଶିଳାନ୍ୟାସ କରିବେ । ସେହିଭଳି ନଭି ମୁମ୍ବାଇର ଟର୍ଭେ ଠାରେ ଗତିଶକ୍ତି ବିବିଧ ମୋଡାଲ୍ କାର୍ଗୋ ଟର୍ମିନାଲ୍ ଏବଂ କଲ୍ୟାଣ ୟାର୍ଡ୍ ରି ମଡେଲିଂ ଲାଗି ଶିଳାନ୍ୟାସ କରିବେ ।

ଏହାଛଡ଼ା ପ୍ରଧାନମନ୍ତ୍ରୀ ଆଜି ଛତ୍ରପତି ଶିବାଜୀ ମହାରାଜ ଟର୍ମିନସ୍ ଷ୍ଟେସନ୍‌ର ସମ୍ପ୍ରସାରିତ ୧୦ ଓ ୧୧ ନମ୍ବର ପ୍ଲାଟଫର୍ମ ଏବଂ ଲୋକମାନ୍ୟ ତିଲକ ଟର୍ମିନସ୍ ଠାରେ ନୂତନ ପ୍ଲାଟଫର୍ମକୁ ଲୋକାର୍ପଣ କରିବେ । ଏହି ଅବସରରେ ଶ୍ରୀ ମୋଦୀ ପ୍ରାୟ ୫ ହଜାର ୬୦୦ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ମୁଖ୍ୟମନ୍ତ୍ରୀ ଯୁବ କାର୍ଯ୍ୟ ପ୍ରଶିକ୍ଷଣ ଯୋଜନାର ଶୁଭାରମ୍ଭ କରିବେ । ୧୮ରୁ ୩୦ ବର୍ଷ ବୟସ୍କ ଯୁବବର୍ଗଙ୍କ ଦକ୍ଷତା ବୃଦ୍ଧି କରିବା ସହିତ ନିଯୁକ୍ତି ସୁଯୋଗ ଯୋଗାଇଦେବା ଉଦ୍ଦେଶ୍ୟରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି ।

## ବାଇ ଇଲେକ୍‌ସନ୍

ପଞ୍ଜାବର ଜଳନ୍ଧରୱେଷ୍ଟ ବିଧାନସଭା ଉପନିର୍ବାଚନରେ ଆମ୍ ଆଦମୀ ପାର୍ଟି ବିଜୟ ଲାଭ କରିଛି ।  ଆପ୍ ର ମହିନ୍ଦର ଭଗତ ଏହି ସଂରକ୍ଷିତ ଆସନରେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦିଙ୍କୁ ୩୭ ହଜାର ୩୨୫ ଖଣ୍ଡ ଭୋଟ୍‌ରେ ପରାସ୍ତ କରିଛନ୍ତି । ବିଜେପିର ଶୀତଳ ଅଙ୍ଗୁରାଲ୍ ୧୭ ହଜାର ୯୨୧ ଖଣ୍ଡ ଭୋଟ୍ ପାଇଥିବା ବେଳେ କଂଗ୍ରେସ ପ୍ରାର୍ଥୀଙ୍କୁ ୧୬ ହଜାର ୭୫୭ ଖଣ୍ଡ ଭୋଟ୍ ମିଳିଛି ।

ହିମାଚଳ ପ୍ରଦେଶର ଦେହରା ବିଧାନସଭା ଆସନରେ କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଛନ୍ତି । ରାଜ୍ୟର ନାଲାଗଡ଼ ବିଧାନସଭା ଆସନରେ କଂଗ୍ରେସ ପ୍ରାର୍ଥୀ ହରଦୀପ ସିଂ ବାୱା ଆଗୁଆ ଥିବା ବେଳେ ହମିରପୁର ଆସନରେ ବିଜେପିର ଆଶିଷ ଶର୍ମା ଆଗୁଆ ଅଛନ୍ତି ।

ପଶ୍ଚିମବଙ୍ଗର ସମସ୍ତ ୪ଟିଯାକ ଆସନ ରାଇଗଞ୍ଜ, ରାଣାଘାଟ ଦକ୍ଷିଣ, ବାଗଦା ଏବଂ ମାଣିକତାଲା ରେ ତୃଣମୂଳ କଂଗ୍ରେସ ପ୍ରାର୍ଥୀ ଆଗୁଆ ଅଛନ୍ତି ।

ବିହାରର ରୁପାଉଲି ଆସନରେ ସପ୍ତମ ରାଉଣ୍ଡ ଗଣତି ଶେଷସୁଦ୍ଧା ସ୍ୱାଧୀନ ପ୍ରାର୍ଥୀ ଶଙ୍କର ସିଂ ୧ ହଜାରରୁ ଊର୍ଦ୍ଧ୍ୱ ଭୋଟ୍‌ରେ ଆଗୁଆ ଅଛନ୍ତି । ଉତ୍ତରାଖଣ୍ଡରେ ବଦ୍ରିନାଥ ଓ ମାଙ୍ଗାଲୋର ଆସନରେ କଂଗ୍ରେସର ପ୍ରାର୍ଥୀ ଆଗୁଆ ଥିବା ବେଳେ ମଧ୍ୟପ୍ରଦେଶର ଅମରୱାଡ଼ା ଆସନରେ ମଧ୍ୟ କଂଗ୍ରେସ ପ୍ରାର୍ଥୀ ଆଗୁଆ ଅଛନ୍ତି ।

ତାମିଲନାଡୁ ଭିକ୍ରାବାନ୍ଦି ଉପନିର୍ବାଚନରେ ଡିଏମ୍‌କେ ଦଳର ପ୍ରାର୍ଥୀ ୪୦ ହଜାରରୁ ଅଧିକ ଭୋଟରେ ଆଗୁଆ ଅଛନ୍ତି ।

ସୂଚନାଯୋଗ୍ୟ ୭ଟି ରାଜ୍ୟର ୧୩ଟି ବିଧାନସଭା ଉପ-ନିର୍ବାଚନରେ ଆଜି ସକାଳ ୮ଟାରୁ ଭୋଟ୍ ଗଣତି ଚାଲିଛି ।

# ତେଲଙ୍ଗାନା କୋଲ୍ ମାଇନ୍ସ

ତେଲଙ୍ଗାନା ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ ଭଟ୍ଟି ବିକ୍ରମାର୍କ ଗତକାଲି ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ତାପଜ ବିଦ୍ୟୁତ୍ କେନ୍ଦ୍ର ପାଇଁ କୋଇଲା ଆବଶ୍ୟକତା ଉପରେ ଆଲୋଚନା କରିଛନ୍ତି । ସିଙ୍ଗାରେନି କୋଲ୍ କୋଲିଆରିଜ୍ ଲିମିଟେଡ୍ ଅନ୍ତର୍ଗତ ନୈନି ବ୍ଲକରୁ କୋଇଲା ଯୋଗାଣ ନେଇ ଏହି ଆଲୋଚନା ହୋଇଛି । ତାପଜ ବିଦ୍ୟୁତ୍ କେନ୍ଦ୍ର ପ୍ରକଳ୍ପ ପାଇଁ ଆବଶ୍ୟକ ପଡୁଥିବା ଜଙ୍ଗଲ ଜମି ହସ୍ତାନ୍ତରକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିବା ଜଣାପଡ଼ିଛି । ଶ୍ରୀ ଭଟ୍ଟି ଉଚ୍ଚ କ୍ଷମତାସଂପନ୍ନ ବିଦ୍ୟୁତ୍ ଲାଇନ୍ ପୁନଃନିର୍ମାଣ, ହସ୍ତାନ୍ତରିତ ହେବାକୁ ଥିବା ଜଙ୍ଗଲ ଜମିରୁ ବୃକ୍ଷ ଉଚ୍ଛେଦ ଏବଂ ସିଙ୍ଗାରେନି ଦ୍ୱାରା ପ୍ରସ୍ତାବିତ ବିଦ୍ୟୁତ୍ ପ୍ଲାଣ୍ଟ ସଂପର୍କିତ ପ୍ରସଙ୍ଗରେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ପ୍ରକଳ୍ପ କାର୍ଯ୍ୟକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରିବା ଲାଗି ଉପମୁଖ୍ୟମନ୍ତ୍ରୀ ଶ୍ରୀ ଭଟ୍ଟି ଓଡ଼ିଶା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ସହ ଆଲୋଚନା କରିଛନ୍ତି ।

# ଅମରନାଥ ଯାତ୍ରା

ଜମ୍ମୁର ଭଗବତୀ ନଗର ଯାତ୍ରୀନିବାସ ମୂଳ କ୍ୟାମ୍ପରୁ ୪ ହଜାର ୬୬୯ ଜଣ ତୀର୍ଥଯାତ୍ରୀ ଆଜି ପବିତ୍ର ଅମରନାଥ ଗୁମ୍ଫା ଉଦ୍ଦେଶ୍ୟରେ ଯାତ୍ରା ଆରମ୍ଭ କରିଛନ୍ତି। ୧୮୩ଟି ଯାନବାହାନରେ ସେମାନେ ଯାତ୍ରା କରିଛନ୍ତି । ଏହି ଯାତ୍ରୀଙ୍କ ମଧ୍ୟରେ ୩ ହଜାର ୪୧୮ ଜଣ ପୁରୁଷ, ୧ ହଜାର ୧୩୦ ଜଣ ମହିଳା, ୨୩ ଜଣ ଶିଶୁ, ୯୬ ଜଣ ସାଧୁ ଏବଂ ୨ ଜଣ ସାଧ୍ୱୀ ଅଛନ୍ତି । ଯାତ୍ରୀଙ୍କ ମଧ୍ୟରୁ ୧ ହଜାର ୬୩୦ ଜଣ ବାଲ୍‌ତାଲ୍ ପଥ ଦେଇ

ଏବଂ ୩ ହଜାର ୩୯ ଜଣ ପହଲଗାମ୍ ପଥ ଦେଇ ଗୁମ୍ଫା ଅଭିମୁଖେ ଯାତ୍ରା କରୁଛନ୍ତି ।

## ଧର୍ମେନ୍ଦ୍ର ପ୍ରଧାନ-ତେଲଙ୍ଗାନା

ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ତେଲଙ୍ଗାନାରେ ଦଳକୁ ଏକନମ୍ବର ରାଜନୈତିକ ସଂଗଠନରେ ପରିଣତ କରିବା ପାଇଁ ଦଳର ୧୫ଶହ ଦିନର କାର୍ଯ୍ୟ ଯୋଜନା ରହିଛି । ତେଲଙ୍ଗାନା ବିଜେପି କାର୍ଯ୍ୟନିର୍ବାହୀ କମିଟି ବୈଠକରେ ଦଳର ନେତାମାନଙ୍କୁ ସମ୍ବୋଧିତ କରି ସେ କହିଛନ୍ତି ଯେ ତେଲଙ୍ଗାନାରେ ବିଜେପି ସଂଖ୍ୟାଗରିଷ୍ଠତା ହାସଲ କଲେ ଜଣେ ସାଧାରଣ ଦଳୀୟ କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀ ହେବାର ଯଥେଷ୍ଟ ସମ୍ଭାବନା ରହିଛି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ବିଜେପି କାର୍ଯ୍ୟକର୍ତ୍ତାମାନେ ଜନସାଧାରଣଙ୍କ ସମସ୍ୟାର ସମାଧାନ କଲେ ହିଁ ଦଳ ଗ୍ରାମରେ ଶକ୍ତିଶାଳୀ ହୋଇପାରିବ । ସେ କହିଛନ୍ତି ପଞ୍ଚାୟତ ଏବଂ ପୌର ନିର୍ବାଚନରେ ବିଜେପି ନିଜର ଶକ୍ତି ପ୍ରଦର୍ଶନ କରିବ । ବିଜେପି ଉତ୍ତର ଭାରତୀୟ ଦଳ ବୋଲି ବିରୋଧୀଦଳର ନେତାମାନଙ୍କୁ ସମାଲୋଚନା କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ଲୋକସଭା ନିର୍ବାଚନ ପ୍ରମାଣ କରିଛି ଯେ ସମଗ୍ର ଦେଶରେ ବିଜେପିର ଅସ୍ତିତ୍ୱ ରହିଛି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଦକ୍ଷିଣ ଭାରତରେ ବିଜେପି ଶକ୍ତିଶାଳୀ ହୋଇଥିବା ବେଳେ ଏବେ ଏହା କେରଳରେ ନିଜର ସ୍ଥିତି ଜାହିର କରିପାରିଛି ଏବଂ ତାମିଲନାଡୁରେ ମଧ୍ୟ ଏହାର ଭୋଟ୍ ପ୍ରତିଶତରେ ଯଥେଷ୍ଟ ଉନ୍ନତି ପରିଲକ୍ଷିତ ହୋଇଛି ।

# ଆଇଆଇଟି-ରୋବୋ

ଆଇଆଇଟି ଦିଲ୍ଲୀ ଏବଂ ପ୍ରସାରଭାରତୀ ପକ୍ଷରୁ ଆଜିଠାରୁ ଦିଲ୍ଲୀର ତ୍ୟାଗରାଜ ଷ୍ଟାଡିୟମରେ ୨ ଦିନିଆ ରୋବୋର୍ଟ ପ୍ରତିଯୋଗିତା **ଡିଡି ରୋବୋକନ୍ ଇଣ୍ଡିଆ-୨୦୨୪** ଆରମ୍ଭ ହେଉଛି । ଏଥିରେ ସମଗ୍ର ଦେଶର ୪୫ରୁ ଅଧିକ ମହାବିଦ୍ୟାଳୟ, ଅନୁଷ୍ଠାନ ଏବଂ ବିଶ୍ୱବିଦ୍ୟାଳୟର ୭୫୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରୁଛନ୍ତି । ଏହି ପ୍ରତିଯୋଗିତାର ବିଜେତାଙ୍କୁ ଭିଏତନାମ ଠାରେ ଅନୁଷ୍ଠିତ ହେବାକୁ ଥିବା ଅନ୍ତର୍ଜାତୀୟ ଏସୀୟ ପ୍ୟାସିଫିକ୍ ବ୍ରଡକାଷ୍ଟିଂ ୟୁନିୟନ ରୋବୋକନ୍-୨୦୨୪ରେ ଅଂଶ ଗ୍ରହଣ କରିବାକୁ ସୁଯୋଗ ମିଳିବ । ଦିଲ୍ଲୀ ଆଇଆଇଟି ଏ ସଂପର୍କରେ ସୂଚନା ଦେଇ କହିଛି ଏହି ପ୍ରତିଯୋଗିତା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଷୟିକ ଦକ୍ଷତା ବିକାଶ, ନବସୃଜନ ଏବଂ ଦଳଗତ କାର୍ଯ୍ୟକୁ ପ୍ରୋତ୍ସାହିତ କରିବାର ଲକ୍ଷ୍ୟ ରଖାଯାଇଛି ।

# ମିନିଷ୍ଟର ଅଫ୍ ପୋର୍ଟ ଓ୍ୱାଟର ଓ୍ୱେଜ

ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତା ମଙ୍ଗଳବାର ଦିନ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ସାମୁଦ୍ରିକ ଓ ଜଳପଥ ପରିବହନ କମିଟି ବୈଠକ ଆୟୋଜନ କରାଯିବ । ନିର୍ଦ୍ଦିଷ୍ଟ ସାମୁଦ୍ରିକ ଓ ଜଳପଥ ପରିବହନ ଲାଗି ମାଷ୍ଟରପ୍ଲାନ୍ ପ୍ରସ୍ତୁତି, ସାମୁଦ୍ରିକ କ୍ଷେତ୍ର ନୀତି ପ୍ରଣୟନ ଏବଂ କ୍ରୁଜ୍ ପର୍ଯ୍ୟଟନ ଓ ସହରାଞ୍ଚଳର ଜଳ ପରିବହନ ଉପରେ ଏହି ବୈଠକରେ ଆଲୋଚନା କରାଯିବ । ଜଳପଥ ପରିବହନ କ୍ଷେତ୍ରକୁ ଅଧିକ ବ୍ୟାପକ କରିବା ତଥା ଏକ ସମନ୍ୱିତ ଆଭିମୁଖ୍ୟ ପ୍ରସ୍ତୁତି ପାଇଁ ମନ୍ତ୍ରଣାଳୟ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ଏହାକୁ ଦୃଷ୍ଟିରେ ରଖି

ରାଜ୍ୟ ସାମୁଦ୍ରିକ ଏବଂ ଜଳପଥ ପରିବହନ କମିଟି ଗଠନ କରାଯାଇଛି ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି ।

## ଫରେନ୍ସ ଡଲାର

ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ଗତ ୫ ତାରିଖରେ ଶେଷ ହୋଇଥିବା ସମୀକ୍ଷା ଅନୁଯାୟୀ ସର୍ବକାଳୀନ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି । ରିଜର୍ଭ ବ୍ୟାଙ୍କ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ବୈଦେଶିକ ମୁଦ୍ରା ୫ ଦଶମିକ ୨ ବିଲିୟନ୍ ଡଲାର ବୃଦ୍ଧି ପାଇ ୬୫୭ ଦଶମିକ ୧/୬ ବିଲିୟନ ଡଲାରରେ ପହଞ୍ଚିଛି । ପୂର୍ବରୁ ଗତମାସ ୭ ତାରିଖରେ ବୈଦେଶିକ ମୁଦ୍ରା ଭଣ୍ଡାର ସର୍ବୋଚ୍ଚ ସ୍ତର ୬୫୫ ଦଶମିକ ୮ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଥିଲା ।

ସେହିଭଳି ସୁନା ଭଣ୍ଡାର ମଧ୍ୟ ୯ଶହ ୪ ନିୟୁତ ଡଲାର ବୃଦ୍ଧି ପାଇଛି ବୋଲି ଆର୍‌ବିଆଇ ରିପୋର୍ଟରୁ ଜଣାପଡ଼ିଛି ।

## କ୍ରିକେଟ୍

ଭାରତ ଓ ଜିମ୍ବାୱେ ମଧ୍ୟରେ ପାଞ୍ଚଟିକିଆ ଟି-ଟ୍ୱେଣ୍ଟି ସିରିଜ୍‌ର ଚତୁର୍ଥ ମ୍ୟାଚ୍ ଆଜି ହରାରେ ସ୍ପୋର୍ଟସ୍ କ୍ଲବ୍‌ରେ ଖେଳାଯିବ । ଭାରତୀୟ ସମୟ ଅପରାହ୍ଣ ସାଢ଼େ ୪ଟାରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ । ଏପର୍ଯ୍ୟନ୍ତ ଖେଳାଯାଇଥିବା ୩ଟି ମ୍ୟାଚ୍ ମଧ୍ୟରୁ ଶୁଭ୍‌ମନ୍ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ୨ଟି ମ୍ୟାଚ୍ ଜିତି ସିରିଜ୍‌ରେ ଆଗୁଆ ରହିଛି । ଆଜିର ମ୍ୟାଚ୍ ଜିତି ଭାରତ ସିରିଜ୍ ବିଜୟୀ ହେବାର ଲକ୍ଷ୍ୟ ରଖିଛି । ପ୍ରଥମ ଟି-ଟ୍ୱେଣ୍ଟି

ମ୍ୟାଚ୍‌କୁ ଜିମ୍ବାୱେ ୧୩ ରନ୍‌ରେ ଜିତିଥିବାବେଳେ ଭାରତ ଦ୍ୱିତୀୟ ମ୍ୟାଚ୍‌ଟିକୁ ୧୦୦ ରନ୍‌ରେ ଏବଂ ତୃତୀୟ ମ୍ୟାଚ୍‌କୁ ୨୩ ରନ୍‌ରେ ବିଜୟୀ ହୋଇଥିଲା ।